# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**7 October– 2026**

## ସଂକଳ୍ପ ସଭା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ଯାତ୍ରା ଆଜି ୨୫ ବର୍ଷ ପୂରଣ କରିଛି । ଏହି ଉପଲକ୍ଷେ ଦେଶର ୭୫୦ଟି ଜିଲ୍ଲା ମୁଖ୍ୟାଳୟରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସିଧାସଳଖ ଭାବେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି, ଖୋର୍ଦ୍ଧାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ଗତକାଲି କେନ୍ଦ୍ର କ୍ୟାବିନେଟ୍‌ରେ ଏକ ପ୍ରସ୍ତାବ ପାରିତ ହୋଇଥିଲା ।

## ଏସ୍‌ଆଇଆର୍

ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର୍ ମତଦାତା ତାଲିକାକୁ ଅଧିକ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆଜିଠାରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେଉଛି । ୩ ଦିନ ଧରି ଚାଲିବାକୁ ଥିବା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ତଥା ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବଭୋଟରମାନଙ୍କୁ ତାଲିକାରେ ସାମିଲ

କରିବା । ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ପଞ୍ଜୀକରଣ ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ ।

---

## ସୁଧ ଫେରସ୍ତ

ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶରେ ନାରୀଶକ୍ତି ନେତୃତ୍ୱ ନେବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱର ମିଶନଶକ୍ତି ଭବନରେ ଆୟୋଜିତ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଡ଼ା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ୧ଲକ୍ଷ ଅଣାଅଶୀ ହଜାର ୮୦୯ଟି ସ୍ୱୟଂସହାୟକ ଗୋଷ୍ଠୀକୁ ୯୯ କୋଟି ୨୬ ଲକ୍ଷ ଟଙ୍କାର ସୁଧ ଫେରସ୍ତ କରାଯାଇଥିଲା ।

---

## ଉପମୁଖ୍ୟମନ୍ତ୍ରୀ-ସମୀକ୍ଷା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କଟକ ଜିଲ୍ଲାରେ ପର୍ଯ୍ୟଟନର ବିକାଶ, ମିଶନଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ନେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଶ୍ରୀମତୀ ପରିଡ଼ା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ ଗୃହ ନିର୍ମାଣ ସହ ସୁଭଦ୍ରା ଶକ୍ତି କାଫେ ଗୁଡ଼ିକର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

---

## ଛାତ୍ର ସଂସଦ ନିର୍ବାଚନ

ଛାତ୍ର ସଂସଦ ନିର୍ବାଚନ ନେଇ ଆଜି ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ । ଏହା ପରେ ପ୍ରାର୍ଥୀ ଚୟନ,

ନାମାଙ୍କନ ଓ ଅନ୍ୟାନ୍ୟ ପକ୍ରିୟା ସଂପର୍କରେ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଆବଶ୍ୟକ ସୂଚନା ଦିଆଯିବ ।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ପରିବେଶ ବଜାୟ ରଖି ଶାନ୍ତିଶୃଙ୍ଖଳାର ସହ ଛାତ୍ର ସଂସଦ ନିର୍ବାଚନ ସଂପନ୍ନ କରିବାକରୁ  ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପୋଲିସ୍ ଓ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ବୈଠକରେ ଶ୍ରୀମତୀ ଗର୍ଗ ନିର୍ବାଚନ ସମୟରେ କୌଣସି ପ୍ରକାର ହିଂସା ଘଟଣା ଏଡ଼ାଇବାକୁ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଆସନ୍ତା ୯ ତାରିଖ ନାମାଙ୍କନପତ୍ର ଦାଖଲ ଏବଂ ୧୫ ତାରିଖରେ ଭୋଟ୍ ଗ୍ରହଣ ହେବ ।

## ବାୟୁସେନା ମୁଖ୍ୟ

ଫାଇଟର ପାଇଲଟ୍ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଛି । ଶ୍ରୀ ଦୀକ୍ଷିତ ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ୍ ଏସ୍.ପି. ସିଂଙ୍କ ସ୍ଥାନ ନେବେ । ଶ୍ରୀ ଦୀକ୍ଷିତ ବର୍ତ୍ତମାନ ବାୟୁସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି ।

## ସଚିବସ୍ତରୀୟ ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ  ସଚିବ ସ୍ତରୀୟ ବୈଠକରେ ଆର୍ଥିକ ପରିଚାଳନା, ବ୍ୟୟ ଅଗ୍ରଗତି, କର୍ମଚାରୀଙ୍କ ସାମାଜିକ ସୁରକ୍ଷା ବିଷୟରେ ଆଲୋଚନା ହୋଇଛି । ଏହା ସହ ୨୫ଟି ପ୍ରମୁଖ

ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା ।

# ଗୁଜରାଟ ଗସ୍ତ

ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଏବଂ ଜ୍ଞାନର ସୁବିନିମୟ ସହ ପରସ୍ପର ସହଯୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଗୁଜରାଟ ଗସ୍ତ କରିଛନ୍ତି । ଗସ୍ତ କାଳରେ ରାଜ୍ୟର ବରିଷ୍ଠ ଅଧିକାରୀ ବୃନ୍ଦ ଗାନ୍ଧିନଗରସ୍ଥିତ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହ ସାକ୍ଷାତ ଆଲୋଚନା କରାଯାଇ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ଉପରେ ଅନୁଭୂତି ବାଣ୍ଟିବା ସହିତ ଜ୍ଞାନ ଆହରଣ କରିଥିଲେ ।

# ପୁରୀ ବିମାନ ବନ୍ଦର

ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍‌ଡ ଆନ୍ତର୍ଜାତିକ ବିମାନ ବନ୍ଦର ପାଇଁ ଜଙ୍ଗଲ ବିଭାଗ ସଂପର୍କିତ ସମସ୍ୟାର ସମାଧାନ ହେବା ସହ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ବା କୋଷ୍ଟାଲ୍ ରେଗୁଲେସନ ଜୋନ୍ ଅନୁମତିପତ୍ର ମିଳିଥିବା ଜଣାପଡ଼ିଛି । ପୂର୍ବରୁ ବିମାନ ବନ୍ଦରପାଇଁ ପ୍ରାଥମିକ ପର୍ଯ୍ୟାୟରେ ଅନୁମତି ମିଳିଥିଲା ।

# ଏକକ ବାତାୟନ ଅନୁମୋଦନ

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୋମନା ବ୍ଲକ ଛିନପାଣିସ୍ଥିତ ମେସର୍ସ ଚକାନୟନ ଟେକ୍ସଟାଇଲ୍ ପ୍ରକଳ୍ପକୁ ଅନୁମୋଦନ ମିଳିଛି ।

# ସମ୍ମିଳନୀ

ଭୁବନେଶ୍ୱରରେ ୧୯ତମ ସହରାଞ୍ଚଳ ଗତିଶୀଳ ଭାରତ ସମ୍ମିଳନୀ ବା ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଆୟୋଜିତ ହେବ । ଆବାସ ସହରୀକାର୍ଯ୍ୟ ମନ୍ତ୍ରଣାଳୟର ଏହି ବାର୍ଷିକ ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ସହରୀ ପରିବହନ ବିଶେଷଜ୍ଞ, ପ୍ରଯୁକ୍ତି ଓ ସେବା ପ୍ରଦାନକାରୀ, ସ୍ଥାୟୀ ସହରୀ ଯାତାୟାତ ପାଇଁ ନୂତନ ସମାଧାନ ଅନ୍ୱେଷଣର ସୁଯୋଗ ପ୍ରଦାନ କରିବ ।

# ବିଦେଶୀ ନାଗରିକ-ମାର୍ଗଦର୍ଶିକା

ନବରଙ୍ଗପୁର ଜିଲ୍ଲାରେ ବିଦେଶୀ ନାଗରିକଙ୍କ ରହଣି ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ବିଶେଷକରି ବିଦେଶୀ ନାଗରିକମାନଙ୍କର ଆଗମନ ଏବଂ ପ୍ରସ୍ଥାନ ସମୟରେ ଡିଜିଟାଲ ରିପୋର୍ଟିଙ୍ଗ୍‌କୁ ବାଧ୍ୟତାମୂଳକ କରାଯାଇଛି ।